**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**9 January – 2026**

# ଦକ୍ଷତା ପୁରସ୍କାର-ମୁଖ୍ୟମନ୍ତ୍ରୀ

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶା ସ୍କିଲ୍‌ସ ର ଉଦ୍‌ଯାପନୀ ସମାରୋହ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଜେତାମାନଙ୍କୁ ଦକ୍ଷତା ପୁରସ୍କାର ପ୍ରଦାନ କରିବେ । ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ବିଭାଗ ପକ୍ଷରୁ ଗତକାଲି ୨୦୨୩-୨୪ ବର୍ଷ ପାଇଁ ରାଜ୍ୟର ପଲିଟେକ୍‌ନିକ୍ ଅନୁଷ୍ଠାନଗୁଡ଼ିକର ର୍‌ୟାଙ୍କିଙ୍ଗ୍ ପ୍ରକାଶ ପାଇଛି । ର୍‌ୟାଙ୍କିଙ୍ଗ୍ ପ୍ରକ୍ରିୟା ଦ୍ୱାରା ଉଭୟ ସରକାରୀ ଓ ଘରୋଇ ପଲିଟେକ୍‌ନିକ୍ ସେମାନଙ୍କର ଭିତ୍ତିଭୂମି, ଶିକ୍ଷାଦାନ ପ୍ରକ୍ରିୟା ଏବଂ ଅଭିନବ ପଦକ୍ଷେପ ଗୁଡ଼ିକୁ ଉନ୍ନତ ହୋଇପାରିବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ର୍‌ୟାଙ୍କିଙ୍ଗ୍ ତାଲିକାରେ କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ-ବୋସ୍ ସର୍ବୋଚ୍ଚ ସ୍ଥାନ ହାସଲ କରିଛି ।

# ରେଳସେବା ପୁରସ୍କାର

ରେଳସେବାରେ ଉତ୍ତମ ପରିଚାଳନା, ଦକ୍ଷତା, ରାଜସ୍ୱ ବୃଦ୍ଧି ଆଦି କାର୍ଯ୍ୟରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ୧୦୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଅତିବିଶିଷ୍ଟ ରେଳସେବା ପୁରସ୍କାର ପ୍ରଦାନ କରାଯିବ ।

ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏହି ପୁରସ୍କାର ପ୍ରଦାନ କରିବେ । କର୍ତ୍ତବ୍ୟ ପ୍ରତି ସମର୍ପଣ, ବୃତ୍ତିଗତ ମନୋଭାବ ଓ ଉଲ୍ଲେଖନୀୟ ସେବା ପ୍ରତି ରେଳବାଇର ପ୍ରତିବଦ୍ଧତାକୁ ଏହି ପୁରସ୍କାର ପ୍ରତିଫଳନ କରିଥାଏ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ରାହତ ଯୋଜନା

ରାଜ୍ୟରେ ପିଏମ୍ ରାହତ ଯୋଜନା ଖୁବ୍ ଶୀଘ୍ର ଲାଗୁ ହେବ ବୋଲି ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ କହିଛନ୍ତି । ଯୋଜନା ଅଧୀନରେ ସଡ଼କ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ସରକାର ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ବିହୀନ ଚିକିତ୍ସା ଯୋଗାଇଦେବେ । ଏହି ସୁବିଧା ଉଭୟ ଘରୋଇ ଓ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହୋଇପାରିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

## ଚିଲିକା ମହୋତ୍ସବ

ଚିଲିକାର ମତ୍ସ୍ୟ ସମ୍ପଦ, ଜଳପଥ, ଯାତାୟାତ ବ୍ୟବସ୍ଥା, ମାଛ ଜେଟି ଓ ପର୍ଯ୍ୟଟନ ଢ଼ାଞ୍ଚାକୁ ବିକଶିତ କରିବା ପାଇଁ ଆଗାମୀ ୩ ବର୍ଷ ମଧ୍ୟରେ ସରକାର ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଚିଲିକାଠାରେ ଆୟୋଜିତ ତିନିଦିନିଆ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଓ ନୌକା ଦୌଡ଼ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି,

ଚିଲିକା ହ୍ରଦ ବିଶ୍ୱର ଅନ୍ୟତମ ମହତ୍ୱପୂର୍ଣ୍ଣ ପର୍ଯ୍ୟଟନକେନ୍ଦ୍ର ଓ ଏହାକୁ ଆଗାମୀ ଦିନରେ ଆହୁରି ଉନ୍ନତ ଏବଂ ଆକର୍ଷଣୀୟ କରାଯିବ ।

# ଜଳସମ୍ପଦ ବିଭାଗ -ସମୀକ୍ଷା

ଭୁବନେଶ୍ୱରଠାରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗୀୟ କାର୍ଯ୍ୟର ସମୀକ୍ଷା କରି ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ କରିବା ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଶୀଘ୍ର ଅନୁମୋଦନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ମଧ୍ୟରେ ଶେଷ କରିବା ଏବଂ ନିର୍ମାଣାଧୀନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

# ସୌରଶକ୍ତି ଗ୍ରାମ

କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଓଲବ ଓ ଦେବଭୂମି ଗ୍ରାମ ପ୍ରଥମ ସୌରଶକ୍ତି ସଂପନ୍ନ ଗ୍ରାମର ମର୍ଯ୍ୟାଦା ପାଇଛି । ବିଧାୟକ ବିଜୟ କୁମାର ଦଳବେହେରା ଓ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଏହି ଦୁଇଟି ଗ୍ରାମର ସଂପୂର୍ଣ୍ଣ ସୌରଶକ୍ତିକରଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ପିଏମ୍.ସୂର୍ଯ୍ୟଘର ଯୋଜନା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସୌରଶକ୍ତି ପ୍ୟାନେଲ୍ ଲଗାଇବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ବିଧାୟକ ଶ୍ରୀ ଦଳବେହେରା କହିଛନ୍ତି ।

## ପୁଞ୍ଜି ନିବେଶ

ରାଜ୍ୟରେ ୫୫ ହଜାର ୭୮୩ କୋଟି ଟଙ୍କା ନିବେଶରେ ୭ଟି ବୃହତ ଶିଳ୍ପ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ୪୩ତମ ହାଇଲେଭ୍‌ଲ୍ କ୍ଲିୟରାନ୍ସ କମିଟି ବୈଠକରେ ଏହି ପ୍ରସ୍ତାବ ଗୁଡ଼ିକୁ ଅନୁମୋଦନ ମିଳିଛି । ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ୧୪ ହଜାର ୫୦୦ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ବ୍ରହ୍ମପୁର ମହୋତ୍ସବ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଚର୍ଚ୍ଚ ପଡ଼ିଆଠାରେ ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ବ୍ରହ୍ମପୁର ମହାନଗର ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମରେ ସାଂସ୍କୃତିକ, ସାହିତ୍ୟ ଏବଂ ହସ୍ତଶିଳ୍ପ, ଲୋକକଳା ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ପରିଷଦର ସଭାପତି ଗୋପାଳ ପଟ୍ଟନାୟକ ସୂଚନା ଦେଇଛନ୍ତି । ୧ ହଜାରରୁ ଅଧିକ କବି ଏହି ୧୦ଦିନିଆ କାର୍ଯ୍ୟକ୍ରମର ସାହିତ୍ୟ ଆସରରେ ଅଂଶ ଗ୍ରହଣ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ପଲ୍ଲୀଶ୍ରୀ ମେଳା

ନୟାଗଡ଼ ଜିଲ୍ଲା ଭା’ପୁର ବ୍ଲକ ସଦରମହକୁମାସ୍ଥିତ ଭା’ପୁର ମହୋତ୍ସବ ପଡ଼ିଆରେ ଆୟୋଜିତ ପ୍ରଥମ ଉତ୍କର୍ଷ ଭା’ପୁର ମହୋତ୍ସବ ଓ

ପଲ୍ଲୀଶ୍ରୀମେଳା ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି, କୃଷି ଓ କୃଷକର ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ପଲ୍ଲୀଶ୍ରୀ ମେଳା ଦ୍ୱାରା ଭା'ପୁର ଅଞ୍ଚଳର କଳା ଓ ସଂସ୍କୃତି ଉଦଜୀବିତ ରହିବା ସହିତ ଲୋକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

## ପ୍ରାଣୀ ସମ୍ପଦ ମେଳା

ନୂଆପଡା ପୋଲିସ୍ ପଡ଼ିଆଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ ଜୟ ଢ଼ୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାର ଲାଭ ଉଠାଇବା ପାଇଁ କୃଷକମାନଙ୍କୁ ଆହ୍ୱାନ ଦେଇଥିଲେ ।

## ପାଣିପାଗ

ଦେଶର କେନ୍ଦ୍ରଭାଗରେ ଗୁରୁଚାପ ବଳୟ ସକ୍ରିୟ ଥିବାରୁ ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶାକୁ ଥଣ୍ଡା ପବନ ପ୍ରବାହ କରୁଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ଦୁଇସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଶୀତର ପ୍ରଭାବ ଲାଗି ରହିବ। ପଶ୍ଚିମାଝଡ଼ କିମ୍ବା କୁହୁଡ଼ିର ପ୍ରଭାବ ନଥିବାରୁ ତାପମାତ୍ରା ହ୍ରାସ ପାଉଛି ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି । କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାଠାରେ ଗତକାଲି ରାତିର ସର୍ବନିମ୍ନ

ତାପମାତ୍ରା ୩ ଦଶମିକ ୨ଡିଗ୍ରୀ ସେଲ୍‌ସିୟସ୍ ଥିଲା । କନ୍ଧମାଳ ଜିଲ୍ଲାର ଜି.ଉଦୟଗିରିଠାରେ ତାପମାତ୍ରା ଗତ ବୁଧବାର ରାତିରେ ୨ ଦଶମିକ ୫ ଡିଗ୍ରୀକୁ ହ୍ରାସ ପାଇଥିଲା । ୧୯୫୨ ମସିହା ପରଠାରୁ ଭୁବନେଶ୍ୱରରେ ସର୍ବନିମ୍ନ ୯ ଦଶମିକ ୪ ଓ କଟକ ସହରର ତାପମାତ୍ରା ସର୍ବନିମ୍ନ ୯ ଦଶମିକ ୬ରେ ପହଞ୍ଚିଛି ।

........................................................................................................